# NATIONAL NEWS BULLETIN (ODIA)
## 30 May - 2025
## Morning Bulletin : 7.15 A.M.

*************************************************

## ମୁଖ୍ୟ ସମ୍ବାଦ

- ଦେଶର ଅନେକ ଭାଷା ଏବଂ ଉପଭାଷା ଭାରତୀୟତାର  ଭାବନାକୁ ପ୍ରତିଫଳିତ କରୁଛି, କହିଲେ ରାଷ୍ଟ୍ରପତି ।
- ବିହାର ଏବଂ ଉତ୍ତର ପ୍ରଦେଶରେ ଆଜି ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ ।
- ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଅନୁଷ୍ଠିତ ହେବ ଦ୍ୱିତୀୟ ବେସାମରିକ ପ୍ରତିରକ୍ଷା ଅଭ୍ୟାସ ଅପରେସନ୍ ସିନ୍ଦୁର ।
- କୃଷି ବିକାଶକୁ ସମର୍ଥନ କରିବା ପାଇଁ କୃଷି ସଂକଳ୍ପ ଅଭିଯାନ ଏକ ଅନନ୍ୟ ପ୍ରୟାସ, କହିଲେ ପ୍ରଧାନମନ୍ତ୍ରୀ ।

ଏବଂ

- ଆଇପିଏଲ୍ ଟି-ଟ୍ୱେଣ୍ଟି ପ୍ରଥମ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗସ୍‌କୁ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କରିଛି ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ।

# ପ୍ରେଜ୍-ଲିଟେରାରୀ

ଦେଶରେ ରହିଥିବା ଅନେକ ଭାଷା ଏବଂ ଉପଭାଷା ଭାରତୀୟତାର ଭାବନାକୁ ପ୍ରତିଫଳିତ କରୁଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ନୂଆଦିଲ୍ଲୀ ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରରେ ଗତକାଲି ସାହିତ୍ୟ ସମ୍ମିଳନୀକୁ ଉଦ୍‌ଘାଟନ କରିବା ଅବସରରେ ରାଷ୍ଟ୍ରପତି କହିଛନ୍ତି, ଏହି ଦୁଇଦିନିଆ ଅଧିବେଶନରେ କବି ସମ୍ମିଳନୀ, ଭାରତର ନାରୀବାଦୀ ସାହିତ୍ୟ, ସାହିତ୍ୟରେ ପରିବର୍ତ୍ତନ – ପରିବର୍ତ୍ତନରେ ସାହିତ୍ୟ ଏବଂ ବିଶ୍ୱ ଦୃଷ୍ଟିକୋଣରୁ ଭାରତୀୟ ସାହିତ୍ୟର ନୂତନ ଦିଗ ନିର୍ଦ୍ଦେଶ ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହେଉଛି ।

ସମ୍ମିଳନୀରେ ଥାଇଲାଣ୍ଡ, କୋଷ୍ଟାରିକା, ସେଣ୍ଟକିଟ୍ସ ଏବଂ ନେଭିସ୍, ତୁର୍କୀ, ବାଂଲାଦେଶ ଏବଂ କାଜାଖସ୍ତାନ ଭଳି ଦେଶରୁ ଆସିଥିବା ପ୍ରଶସ୍ତିପତ୍ର ଗୁଡ଼ିକୁ ରାଷ୍ଟ୍ରପତି ଗ୍ରହଣ କରିଥିଲେ । ସମ୍ମିଳନୀର ଆଜି ଦ୍ୱିତୀୟ ଦିନରେ ଦେବୀ ଅହଲ୍ୟାବାଈ ହୋଲକରଙ୍କ କାହାଣୀ ସହ ଏହା ଉଦ୍‌ଯାପିତ ହେବ ।

କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଏବଂ ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ହେଉଥିବା ଏହି ସମ୍ମିଳନୀରେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାଓ୍ୱତ ଏବଂ ଦେଶର ବିଭିନ୍ନ ପ୍ରାନ୍ତରୁ ସାହିତ୍ୟିକମାନେ ଯୋଗ ଦେଇଛନ୍ତି ।

# ପିଏମ୍-ବିହାର ୟୁପି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବିହାର ଏବଂ ଉତ୍ତରପ୍ରଦେଶରେ ୯୬ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ଗୁଡ଼ିକର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ । ବିହାରର ରୋହତାସ ଜିଲ୍ଲାର ବିକ୍ରମଗଞ୍ଜ ଠାରେ ପ୍ରଧାନମନ୍ତ୍ରୀ ୪୮ ହଜାର ୫୨୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ । ଏହି ଅବସରରେ ବିକ୍ରମଗଞ୍ଜ ଠାରେ ଏକ ସାଧାରଣ ସଭାକୁ ଶ୍ରୀ ମୋଦୀ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି । ଆଜି ଉଦ୍‌ଘାଟିତ ହେବାକୁ ଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରେ ଶକ୍ତି, ସଡ଼କ ଯୋଗାଯୋଗ ଏବଂ ରେଳ ଯୋଗାଯୋଗ ପ୍ରକଳ୍ପ ରହିଛି । ପ୍ରଧାନମନ୍ତ୍ରୀ ମଧ୍ୟ ଆଜି ଔରଙ୍ଗାବାଦ୍ ଜିଲ୍ଲାର ନବୀନ ନଗର ସୁପର ଥର୍ମାଲ ପାୱାର ପ୍ରୋଜେକ୍ଟର ଦ୍ୱିତୀୟ ପର୍ଯ୍ୟାୟର ଶିଳାନ୍ୟାସ କରିବେ । ୨୯ ହଜାର ୯୩୦ କୋଟି ଟଙ୍କା ବ୍ୟୟ ବରାଦରେ ହେବାକୁ ଥିବା ଏହି ପ୍ରକଳ୍ପର ତିନୋଟି ୟୁନିଟ୍‌ରୁ ୨ହଜାର ୪୦୦ ମେଗାୱାଟ୍ ଶକ୍ତି ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି । ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ବିହାର ଏବଂ ପୂର୍ବ ଭାରତରେ ଶକ୍ତି ଚାହିଦା ପୂରଣ ହୋଇପାରିବ ଏବଂ ଏହାଦ୍ୱାରା ଶିଳ୍ପ ବିକାଶ ସହ ରୋଜଗାର ସୃଷ୍ଟି ହୋଇପାରିବ ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆଜି ଚାରିଲେନ୍ ବିଶିଷ୍ଟ ପାଟନା-ଆରା-ଶାସରାମ ସେକ୍‌ସନ୍‌ର ଜାତୀୟ ରାଜପଥ ୧୧୯-ଏ, ଛଅ ଲେନ୍ ବିଶିଷ୍ଟ

ବରାଣାସୀ-ରାଞ୍ଚି-କୋଲକାତା ଜାତୀୟ ରାଜପଥ ୩୧୯-ବି ଏବଂ ରାମନଗର-କାଚି ଦର୍ଗା ଜାତୀୟ ରାଜପଥ ୧୧୯-ଡି ର ସମ୍ପ୍ରସାରଣ କାର୍ଯ୍ୟର ଶିଳାନ୍ୟାସ କରିବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ବକ୍ସାର ଭରୌଲି ମଧ୍ୟରେ ଗଙ୍ଗାନଦୀ ଉପରେ ନୂଆ ପୋଲ ନିର୍ମାଣର ଶୁଭାରମ୍ଭ କରିବେ ।

ପ୍ରଧାନମନ୍ତ୍ରୀ ଆଜି ଉତ୍ତରପ୍ରଦେଶରେ ୪୭ ହଜାର ୬୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ । ଏଥିରେ ଭିତ୍ତିଭୂମି ନିର୍ମାଣ ଏବଂ ଯୋଗାଯୋଗ ପ୍ରକଳ୍ପ ରହିଛି । ଉତ୍ତରପ୍ରଦେଶର ଚନ୍ଦ୍ରଶେଖର ଆଜାଦ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ଏ ସମ୍ପର୍କରେ ଆମ ସମ୍ବାଦଦାତା ଓମ୍ ଅବସ୍ତିଙ୍କ ଏକ ରିପୋର୍ଟ –

**V/O-Om Awasti**

# ସେକେଣ୍ଡ ସିଭିଲ୍ ଡିଫେନ୍ସ ଏକ୍ସରସାଇଜ୍

ଚଳିତ ମାସ ଶେଷରେ ଦେଶର ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଦ୍ୱାରା ଦ୍ୱିତୀୟ ବେସାମରିକ ପ୍ରତିରକ୍ଷା ଅଭ୍ୟାସ' ଅପରେସନ ସିଲ୍ଡ ଅନୁଷ୍ଠିତ ହେବ । କୌଣସି ପ୍ରକାରର ବାହ୍ୟ ଆକ୍ରମଣର ମୁକାବିଲା ନିମନ୍ତେ ଏହି ବେସାମରିକ ପ୍ରତିରକ୍ଷା ଅଭ୍ୟାସ କାର୍ଯ୍ୟକ୍ରମ କରାଯିବ । ଏଥିରେ ଶତ୍ରୁ ପକ୍ଷ ବିମାନର ଆକ୍ରମଣ ଏବଂ ଡ୍ରୋନ୍ ଓ

ମିଶାଇଲ୍ ଆକ୍ରମଣ ଭଳି ପରିସ୍ଥିତିରେ କିଭଳି ନିଜକୁ ସୁରକ୍ଷିତ ରଖାଯାଇ ପାରିବ, ସେ ସମ୍ବନ୍ଧରେ ଅବଗତ କରାଯିବ । ଅନ୍ୟ ପକ୍ଷରେ ବାହ୍ୟ ଆକ୍ରମଣ ସମୟରେ ବାୟୁ ସେନା ଏବଂ ବେସାମରିକ ପ୍ରତିରକ୍ଷା କଣ୍ଟ୍ରୋଲ୍ ରୁମ୍ ସହ ଯୋଗାଯୋଗ କରିବା, ଜରୁରୀକାଳୀନ ସାଇରନ୍ ଏବଂ ବ୍ଲାକ୍‌ଆଉଟ୍ କ୍ଷେତ୍ରରେ ନିଆଯିବାକୁ ଥିବା ପଦକ୍ଷେପ ଗୁଡ଼ିକ ସମ୍ପର୍କରେ ଜନସାଧାରଣଙ୍କୁ ଜଣାଇ ଦିଆଯିବ ।

# ପିଏମ୍-କୃଷି ସଂକଳ୍ପ ଅଭିଯାନ

ଚାଷୀମାନଙ୍କ ନିକଟରେ ବୈଜ୍ଞାନିକ ଗବେଷଣା ଲବ୍ଧ ଫଳାଫଳ ଏବଂ ସଫଳ କୃଷି ପଦ୍ଧତି ଗୁଡ଼ିକ ପହଞ୍ଚିବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଗତକାଲି ଭୁବନେଶ୍ୱର ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନଠାରେ କେନ୍ଦ୍ର କୃଷି ଓ କୃଷକ ମନ୍ତ୍ରଣାଳୟ ପକ୍ଷରୁ ବିକଶିତ କୃଷି ସଂକଳ୍ପ ଅଭିଯାନର ଶୁଭାରମ୍ଭ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ଆଭାସି ଜରିଆରେ କହିଛନ୍ତି, କୃଷି ସଂକଳ୍ପ ଅଭିଯାନ କୃଷକମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଏବଂ କୃଷି ବିକାଶକୁ ସମର୍ଥନ କରିବା ପାଇଁ ଏକ ଅନନ୍ୟ ପ୍ରୟାସ ।

**V/O-PM**

ଗତକାଲି ପୁରୀର ସାକ୍ଷୀଗୋପାଳଠାରୁ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ ବିକଶିତ କୃଷି ସଂକଳ୍ପ ଅଭିଯାନର ଶୁଭାରମ୍ଭ କରିଥିଲେ । ପରେ

କୃଷି ଶିକ୍ଷା ସଦନଠାରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହାନ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଯୋଗ ଦେଇଥିବା କୃଷକମାନଙ୍କୁ ଭେଟିଥିଲେ ।

## ସିଡିଏସ୍-ସିଙ୍ଗାପୁର ଭିଜିଟ୍

ପ୍ରତିରକ୍ଷା ମୁଖ୍ୟ ଜେନେରାଲ୍ ଅନୀଲ ଚୌହାନ ଆଜିଠାରୁ ତିନି ଦିନିଆ ସିଙ୍ଗାପୁର ଗସ୍ତରେ ଯାଉଛନ୍ତି । ସେଠାରେ ହେବାକୁ ଥିବା ସାଙ୍ଗରୀ-ଲା ଆଲୋଚନାର ୨୨ତମ ସଂସ୍କରଣରେ ଜେନେରାଲ୍ ଚୌହାନ ଯୋଗଦେବେ । ଏହି ଗସ୍ତ କାଳରେ ଜେନେରାଲ୍ ଚୌହାନ ବିଭିନ୍ନ ଦେଶର ପ୍ରତିରକ୍ଷା ମୁଖ୍ୟ ଏବଂ ବରିଷ୍ଠ ସାମରିକ ଅଧିକାରୀମାନଙ୍କ ସହ ଆଲୋଚନା କରିବେ । ସାଙ୍ଗରୀ-ଲା ଆଲୋଚନାରେ ଅଷ୍ଟ୍ରେଲିଆ, ୟୁରୋପୀୟ ମହାସଂଘ, ଫ୍ରାନ୍ସ, ଜର୍ମାନୀ, ଇଣ୍ଡୋନେସିଆ, ଜାପାନ, ନେଦରଲାଣ୍ଡ, ନ୍ୟୁଜିଲାଣ୍ଡ, ଫିଲିପାଇନ୍ସ, ସିଙ୍ଗାପୁର, ଲଣ୍ଡନ ଏବଂ ଆମେରିକା ଯୋଗ ଦେଉଛନ୍ତି । ଇଣ୍ଟରନ୍ୟାସନାଲ୍ ଇନ୍ଷ୍ଟିଚ୍ୟୁଟ୍ ଫର୍ ଷ୍ଟ୍ରାଟେଜିକ୍ ଷ୍ଟଡିଜ୍ ଦ୍ୱାରା ଆୟୋଜିତ ହେଉଥିବା ଏହି ଆଲୋଚନାରେ ଜେନେରାଲ୍ ଚୌହାନ ଭବିଷ୍ୟତର ଯୁଦ୍ଧ ଏବଂ ଯୁଦ୍ଧ କୌଶଳ ଶୀର୍ଷକ ବିଷୟ ଉପରେ ଅଭିଭାଷଣ ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି । ସେ ମଧ୍ୟ ଭବିଷ୍ୟତ ଆହ୍ୱାନ ଗୁଡ଼ିକର ମୁକାବିଲାରେ ପ୍ରତିରକ୍ଷା ଉଦ୍ଭାବନ ବିଷୟ ଉପରେ ଅଭିଭାଷଣ ପ୍ରଦାନ କରିବେ ।  ଜୁନ୍ ୧ ତାରିଖରେ ଜେନେରାଲ୍ ଚୌହାନ ଗସ୍ତ ଶେଷ କରିବେ ବୋଲି ଜଣାପଡ଼ିଛି ।

# ଜୟଶଙ୍କର-ନ୍ୟୁଜିଲାଣ୍ଡ ଏଫ୍ଏମ୍ ଭିଜିଟ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି, ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କ ଦୃଢ଼ ହେଉଛି । ନ୍ୟୁଜିଲାଣ୍ଡର ଉପପ୍ରଧାନମନ୍ତ୍ରୀ ତଥା ବୈଦେଶିକ ମନ୍ତ୍ରୀ ୱିନ୍ଷ୍ଟନ୍ ପିଟର୍ସ୍ଙ୍କ ସହ ଗତକାଲି ନୂଆଦିଲ୍ଲୀରେ ଡକ୍ଟର ଜୟଶଙ୍କର ଆଲୋଚନା କରିଛନ୍ତି । ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଖ୍ରୀଷ୍ଟୋଫର୍ ଲକ୍ସନ୍ଙ୍କ ଭାରତ ଗସ୍ତ ସମୟରେ ଉଭୟ ଦେଶ ମଧ୍ୟରେ ହୋଇଥିବା ମୁକ୍ତ ବାଣିଜ୍ୟ ଚୁକ୍ତି ବୁଝାମଣା ଏବଂ ଅନ୍ୟ କେତେକ ବୁଝାମଣା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିବା ଜଣାପଡ଼ିଛି ।

ଗତକାଲି ଦୁଇ ଦିନିଆ ଭାରତ ଗସ୍ତରେ ଆସି ଶ୍ରୀ ପିଟର୍ସ୍ ନୂଆଦିଲ୍ଲୀରେ ପହଞ୍ଚିବା ପରେ ବୈଦେଶିକ ମନ୍ତ୍ରଣାଳୟର ସଚିବ ରଣଧୀର ଜୟସ୍ୱାଲ କହିଛନ୍ତି, ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଦୃଢ଼ ଦ୍ୱିପାକ୍ଷିକ ସମ୍ପର୍କ ରହିଥିବା ଏହି ଗସ୍ତ ସାବ୍ୟସ୍ତ କରୁଛି । ସେ କହିଛନ୍ତି, ଶ୍ରୀ ପିଟର୍ସ୍ ଏହି ଗସ୍ତ କାଳରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି. ନଡ୍ଡାଙ୍କ ସହ ସାକ୍ଷାତ ଆଲୋଚନା କରିବେ ।

# ରାଜନାଥ-ଏଏମ୍‌ସିଏ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ଭାରତ ପାଞ୍ଚ ପ୍ରକାରର ପଞ୍ଚମ ପିଢ଼ିର ଆଧୁନିକ ଜେଟ୍ ମଧ୍ୟମ ଯୁଦ୍ଧ ବିମାନକୁ ଆହୁରି ଉନ୍ନତ କରିବା ଲାଗି ଯୋଜନା କରୁଛି । ଏହା ପରେ ଏହି ପ୍ରକାର ଯୁଦ୍ଧ ବିମାନର ଉତ୍ପାଦନ ଆରମ୍ଭ ହେବ ବୋଲି ସେ କହିଛନ୍ତି । ନୂଆଦିଲ୍ଲୀରେ ଭାରତୀୟ ଶିଳ୍ପ ମହାସଂଘର ସମ୍ମିଳନୀରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି, ରାଷ୍ଟ୍ରୀୟ ସୁରକ୍ଷା ଦିଗରେ ମେକ୍ ଇନ୍ ଇଣ୍ଡିଆ ପ୍ରମୁଖ ଭୂମିକା ଗ୍ରହଣ କରିଛି । ସେ କହିଛନ୍ତି,  ଅପରେସନ୍ ସିନ୍ଦୂରରେ ଭାରତ ପକ୍ଷରୁ ନିଆଯାଇଥିବା ପଦକ୍ଷେପର ମଧ୍ୟ ମେକ୍ ଇନ୍ ଇଣ୍ଡିଆର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା ।

ସେ କହିଛନ୍ତି, ଭାରତ ଏ.ଏମ୍.ସି.ଏ. ପ୍ରକଳ୍ପ ଉପରେ କାର୍ଯ୍ୟ କରୁଛି ଏବଂ ଆଗାମୀ ଦିନରେ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ ଏହାର ଉତ୍ପାଦନ କରିବ । ଗତବର୍ଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଗଠିତ କ୍ୟାବିନେଟ୍ କମିଟି ଏହି ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରିଥିଲେ । ପ୍ରାରମ୍ଭିକ ପର୍ଯ୍ୟାୟରେ ୧୫ ହଜାର କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବା ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ।

# ଆଇପିଏଲ୍

ଆଇପିଏଲ୍ ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍‌ର ପ୍ରଥମ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ୮ ଓ୍ୱିକେଟ୍‌ରେ ପଞ୍ଜାବ କିଙ୍ଗସ୍‌କୁ ପରାସ୍ତ କରିଛି । ଚଣ୍ଡିଗଡ଼ରେ ଅନୁଷ୍ଠିତ ମ୍ୟାଚ୍‌ରେ ଟସ୍ ଜିତି ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ପଞ୍ଜାବ କିଙ୍ଗସ୍ ୧୪ ଓଭର ଗୋଟିଏ ବଲ୍‌ରେ ସମସ୍ତ ଓ୍ୱିକେଟ୍ ହରାଇ ୧୦୧ରନ୍ ସ୍କୋର କରିଥିଲା । ଜବାବରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ମାତ୍ର ୧୦ ଓଭରରେ ୨ ଓ୍ୱିକେଟ୍ ବିନିମୟରେ ୧୦୬ରନ୍ ସ୍କୋର କରିଥିଲା । ଏଥିସହିତ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ସିଧାସଳଖ ଫାଇନାଲ୍‌କୁ ଉନ୍ନିତ ହୋଇଛି । ପରାଜିତ ପଞ୍ଜାବ କିଙ୍ଗସ୍ ଦ୍ୱିତୀୟ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ଆସନ୍ତା ରବିବାର ଦିନ ଏଲିମିନେଟର୍ ପର୍ଯ୍ୟାୟ ବିଜେତା ଦଳ ସହ ମୁକାବିଲା କରିବ ।

ଆଜି ଏଲିମିନେଟର ପର୍ଯ୍ୟାୟ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ନ୍ୟୁ ଚଣ୍ଡିଗଡ଼ରେ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ମ୍ୟାଚ୍ ଅନୁଷ୍ଠିତ ହେବ ।